ଧରିତ୍ରୀ
DHARITRI
ବୁଧବାର, ୯ ନଭେମ୍ବର, ୨୦୨୨



## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ନିଷ୍ଟ ପକ୍ଷରୁ ଓରିଏନଟ୍ଟେଶନ କାର୍ଯ୍ୟକ୍ରମ , ସ୍ଥାନ-ନିଷ୍ଟ ମହାବିଦ୍ୟାଳୟ,ସମୟ-ପୂର୍ବାହ୍ନ ୧୦ଟା ୩୦

**ଫୁଲବାଣୀ**
- ଆଇନ ସେବା ଦିବସ ସଚେତନତା ରାଲି, ସ୍ଥାନ-କୋର୍ଟ ପରିସର, ସମୟ-ସକାଳ ୯ଟା,
- ରାଜନୈତିକ ଦଳ ସହ ବୈଠକ, ସ୍ଥାନ-ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା

**ଛତ୍ରପୁର**
- ଓଡିଶାରେ ବିକାଶ ୨୦୩୦ ଉପରେ ପ୍ରଶିକ୍ଷଣ, ସ୍ଥାନ - ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ସମୟ-ପୂର୍ବାହ୍ନ ୧୦ଟା।,
- ସଫେଇ କର୍ମଚାରୀ ଲାଗି ବଡାଖାନା, ସ୍ଥାନ - ନୂଆ ବସ୍‌ଷ୍ଟାଣ୍ଡ ଟର୍ମିନାଲ, ସମୟ - ମାଧାହ୍ନ ୧୨ଟା।
- ଭୋଟର ତାଲିକାର ସ୍ୱତନ୍ତ୍ର ପ୍ରକାଶନ, ସ୍ଥାନ- ଜିଲାପାଳ କାର୍ଯ୍ୟାଳୟ ସଭାଗୃହ, ସମୟ -ଅପରାହ୍ନ ୪ଟା।

**ବୁଗୁଡା**
- ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ-ବୁଦ୍ଧଖୋଲ କଲ୍ୟଣ ମଣ୍ଡପ , ସମୟ-ପୂର୍ବାହ୍ନ ୧୦ଟା କୁଳଗୃହ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ-ବଣପଲ୍ଲୀ, ସମୟ-ମଧାହ୍ନ ୧୨ଟା

## ସଂକ୍ଷେପରେ

### ନଣନ୍ଦଙ୍କ ଆଗରେ ଚାଲିଗଲା ଭାଉଜଙ୍କ ଜୀବନ

ଡିଭାଇଡ଼ରକୁ ଧକ୍କା ଦେଲା ଅଟୋ

ଗୋପାଳପୁର,୮।୧୧(ଡି.ଏନ.ଏ.)

୧୬ନଂ ଜାତୀୟ ରାଜପଥ ଅଟୋ ନଗର ଓଭରବ୍ରିଜ୍ ୫ ଦିନ ପୂର୍ବେ ଖୋଲିଥିଲା। ମଙ୍ଗଳବାର ଏହା ଉପରେ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ନଣନ୍ଦଙ୍କ ସମ୍ମୁଖରେ ଭାଉଜଙ୍କ ଜୀବନ ଯାଇଛି। ମୃତକ ଜଣକ ହେଲେ ଗୋଳନ୍ଥରା ଥାନା ଅଧିନସ୍ଥ କୃଷ୍ଣ ନଗରର ସନ୍ତୋଷୀ ଦାଶ ଓ ଗୁରୁତର ଆହତ ହେଲେ ଶୈଳେନ୍ଦ୍ରୀ ଦାଶ। ସୂଚନା ପ୍ରକାରେ, ଗୋଳନ୍ଥରା ଥାନା ଅଧିନ କୃଷ୍ଣନଗର ଅଞ୍ଚଳର ସନ୍ତୋଷୀ ଓ ନଣନ୍ଦ



ଶୈଳେନ୍ଦ୍ରୀ ବ୍ରହ୍ମପୁରସ୍ଥିତ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉଭୟେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଏକ ଅଟୋ ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଅଟୋନଗର ଓଭରବ୍ରିଜ୍ ନିକଟରେ ହଠାତ୍ ଅଟୋଟି ଭାରସାମ୍ୟ ହରାଇ ଡିଭାଇଡ଼ର ପିଟି ହୋଇଯାଇଥିଲା। ଫଳରେ ସନ୍ତୋଷୀ ଓ ଶୈଳେନ୍ଦ୍ରୀ ଅଟୋରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ତୋଷୀଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ନଂ. ୪୦୮/୨୨ରେ ଦୁର୍ଘଟଣା ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଅଟୋକୁ ନିଜ ହେପାଜକୁ ନେଇଛି।

### ଆକ୍ରମଣ ଘଟଣାରେ ୨ ଗିରଫ

ବ୍ରହ୍ମପୁର ଅଫିସ,୮।୧୧-ଆଙ୍କୁଶପୁର ଗ୍ରାମର ସୂର୍ଯ୍ୟ ନାରାୟଣ ନାୟକଙ୍କୁ ସୋମବାର ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଆଙ୍କୁଶପୁରର କାଳିଆ ନାୟକ ଓ ଗଜେନ୍ଦ୍ର ନାୟକ। ପୋଲିସ ସେମାନଙ୍କୁ ନିକଟରୁ ଘଟଣା ବେଳେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ମାମଲା ନଂ.୫୨୮/୨୨ ରେ ଦୁଇ ଅଭିଯୁକ୍ତ କାଳିଆ ଓ ଗଜେନ୍ଦ୍ରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଆଙ୍କୁଶପୁର ଦଳିତ ସାହିରେ ରହୁଥିବା ସୂର୍ଯ୍ୟନାରାୟଣ ସୋମବାର ନିଜ ଘର ଦାଣ୍ଡରେ ଠିଆ ହୋଇଥିଲେ। ସେଠାରେ କାଳିଆ, ଗଜେନ୍ଦ୍ର ନାୟକ ଓ ତାଙ୍କର ସମର୍ଥକମାନେ ପହଞ୍ଚି ତାଙ୍କ ଝଗଡ଼ା କରିବା ସହ ଠେଙ୍ଗା ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପରିବାର ଲୋକ ସୂର୍ଯ୍ୟନାରାୟଣଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସୂର୍ଯ୍ୟନାରାୟଣଙ୍କୁ ଆକ୍ରମଣ ବେଳେ ଅଭିଯୁକ୍ତଙ୍କୁ ପ୍ରତିବାଦ କରୁଥିବା ତାଙ୍କ ମା' ଗୀତା ନାୟକ ପରେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଅଲୋଡ଼ା ହୋଇଛି ୨ ଭେଣ୍ଡିଂ ଜୋନ୍

## ବ୍ୟବସାୟୀ ସ୍ଥାନାନ୍ତର ନେଇ ପଦକ୍ଷେପ ନେବ ବିଏମ୍‌ସି

ବ୍ରହ୍ମପୁର ଅଫିସ,୮।୧୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ବହୁ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଯାହାଦ୍ୱାରା ସହରବାସୀ ଅନେକ କ୍ଷେତ୍ରରେ ଉପକୃତ ହୋଇପାରୁଛନ୍ତି। କିନ୍ତୁ ବିଏମ୍‌ସି ଦ୍ୱାରା ନିର୍ମାଣ କରାଯାଇଥିବା ଅନେକ ପ୍ରକଳ୍ପ ବର୍ତ୍ତମାନ ଅଲୋଡ଼ା ହୋଇ ରହିଛି। ବର୍ତ୍ତମାନ କୋର୍ଟପେଟା ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌କୁ ଉଚ୍ଛେଦ କରାଯାଇ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଉନ୍ନତୀକରଣ ପାଇଁ ନିଷ୍ପତ୍ତି ହୋଇଛି। ଏହି ସ୍ଥାନରୁ ବ୍ୟବସାୟୀଙ୍କୁ ସ୍ଥାନାନ୍ତର ପାଇଁ ଅସ୍ଥାୟୀ ଭାବେ କମାପଲି ଓଭରବ୍ରିଜ୍ ତଳେ ଜାଗା ଦିଆଯାଇଛି। କିନ୍ତୁ ସହରରେ ଏଭଳି କିଛି ଭେଣ୍ଡିଂ ଜୋନ୍ ଅଛି, ଯାହା ବର୍ତ୍ତମାନ ଅବହେଳିତ ଓ ଅଲୋଡ଼ା ଅବସ୍ଥାରେ ରହିଛି। ଫଳରେ ବ୍ୟବସାୟୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ଭେଣ୍ଡିଂ ଜୋନ୍‌ଗୁଡିକ ବର୍ତ୍ତମାନ ଅଦରକାରୀ ହୋଇପଡିଛି। ବିଜୁ ପଟ୍ଟନାୟକ ପାର୍କ ନିକଟରେ ଥିବା ଭେଣ୍ଡିଂ ଜୋନ୍ ଏହାର ଉଦାହରଣ ପାଲଟିଛି। ଉକ୍ତ ଭେଣ୍ଡିଂ ଜୋନ୍ ୨୦୧୯ରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଗିରି ମାର୍କେଟଠାରୁ ହନୁମାନ ମନ୍ଦିର ରାସ୍ତା ପାର୍ଶ୍ୱରେ ବସୁଥିବା ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ଏହା ନିର୍ମାଣ ହୋଇଥିଲା। ବିଶେଷକରି ଉକ୍ତ ଭେଣ୍ଡିଂ ଜୋନ୍‌ରେ ଆମିଷ ବଜାର ପାଇଁ ଲକ୍ଷ୍ୟ ରଖାଯାଇଥିଲା, ଯାହାକୁ ୨୦୧୯ ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ଆଜକୁ ୩ ବର୍ଷ ବିତିଥିଲେ ସୁଦ୍ଧା ଆଜିଯାଏ କୌଣସି ବ୍ୟବସାୟୀ ଏଠାକୁ ସ୍ଥାନାନ୍ତର ହୋଇନାହାନ୍ତି। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଭେଣ୍ଡିଂ ଜୋନ୍ ଅଦରକାରୀ ହୋଇପଡ଼ିଛି। ସେହିଭଳି ଅନ୍ୟ ଏକ ଭେଣ୍ଡିଂ ଜୋନ୍ ହେଉଛି ଗୋକର୍ଣ୍ଣେଶ୍ୱର ମନ୍ଦିର ପାର୍ଶ୍ୱ ରାସ୍ତାରେ ଥିବା ଖୋଲା ଭେଣ୍ଡିଂ ଜୋନ୍। ଏହି ଜୋନ୍‌ଟି ୨୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବେଳେ ୨୦୧୯ରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନ ପରଠୁ ଏଠାରେ କୌଣସି ବ୍ୟବସାୟୀ ବ୍ୟବସାୟ କରୁ ନ ଥିବା ଦେଖିବାକୁ ମିଳିଛି।

ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ରାସ୍ତା ପାର୍ଶ୍ୱରେ ବସୁଥିବା ବ୍ୟବସାୟୀଙ୍କୁ ତାଗିଦ ପରେ ବର୍ତ୍ତମାନ କେବଳ ଫୁଲ ବ୍ୟବସାୟୀମାନେ ହିଁ ବ୍ୟବସାୟ କରୁଛନ୍ତି। କିନ୍ତୁ କୌଣସି ପରିବା ବ୍ୟବସାୟୀ ଉକ୍ତ ସ୍ଥାନରେ ବେପାର କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ବିଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍ ସଫେଇ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବ୍ୟବସାୟ ପାଇଁ ସେଠାକୁ ଯାଉ ନ ଥିବା ବହୁ ବ୍ୟବସାୟୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ର ଉନ୍ନତୀକରଣ ଯୋଜନାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍‌ର ଉନ୍ନତୀକରଣ ପରେ ବ୍ୟବସାୟୀମାନେ ଯଦି ସ୍ଥାନାନ୍ତର ନ ହୁଅନ୍ତି ତେବେ ଅନ୍ୟ ଭେଣ୍ଡିଂ ଜୋନ୍ ଭଳି ଏହା ମଧ୍ୟ ଅଦରକାରୀ ଓ ଅଲୋଡ଼ା ହୋଇଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ଆସନ୍ତା ୧୦ ତାରିଖରେ ଖାଲିପଡ଼ିଥିବା ଭେଣ୍ଡିଂ ଜୋନ୍‌ଗୁଡ଼ିକୁ ବ୍ୟବସାୟୀଙ୍କୁ ସ୍ଥାନାନ୍ତରେ ନେଇ ପଦକ୍ଷେପ ଗ୍ରହଣ କରାଯିବ।



କର୍ପୋରେଶନ ରୋଡ୍ ଭେଣ୍ଡିଂ ଜୋନ୍।



ଗୋକର୍ଣ୍ଣେଶ୍ୱର ଖୋଲା ଭେଣ୍ଡିଂ ଜୋନ୍।

# ବୋଇତ ଭସାଇବାକୁ ଗୋପାଳପୁର ବେଳାଭୂମିରେ ଭିଡ଼

ବ୍ରହ୍ମପୁର ଅଫିସ/ ଗୋପାଳପୁର ୮।୧୧

ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମଙ୍ଗଳବାର ଭୋର ୪ଟାରୁ ସହରର ବିଭିନ୍ନ ପୋଖରୀରେ ବୋଇତ ବନ୍ଦାଣ ନେଇ ଭିଡ଼ ଜମିଥିଲା। କାର୍ତ୍ତିକ ବ୍ରତ ପାଳନ କରିଥିବା ଶ୍ରଦ୍ଧାଳୁମାନେ ଆ କା ମା ବୈ କହି ବୋଇତ ଭସାଇ କାର୍ତ୍ତିକ ବ୍ରତ ସମାପନ କରିଥିଲେ। ହରିଦ୍ରା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଲୋଚାପଡ଼ାଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସଭାପତି ଅଭିମନ୍ୟୁ ସାହୁଙ୍କ ସମେତ କେନ୍ଦ୍ରୀୟ କିମିଟି କାର୍ଯ୍ୟକାରୀ ସଭାପତି ଦୁଃଖୀଶ୍ୟାମ ସାହୁ ଉପସ୍ଥିତ ଥିଲେ। ସେହିପରି ଗୋପାଳପୁର ବେଳାଭୂମିରେ ବ୍ରହ୍ମପୁର ସହରବାସୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଭିଡ଼ ଜମିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ବେଳାଭୂମିରେ ଦେଢ଼ ପ୍ଲାଟୁନ ଫୋର୍ସ ଓ ତଟରକ୍ଷୀ ବାହିନୀ ମୁତୟନ କରାଯାଇଥିଲା। ଗୋପାଳପୁର ପର୍ଯ୍ୟଟନ ଉନ୍ନୟନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କନିଷ୍ଠ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା, ଗୋପାଳପୁର ଏନ୍‌ଏସି ଅଧକ୍ଷ ଏନ.ଜାନକୀ ରାମଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ରହିଥିଲେ। ସୂର୍ଯ୍ୟୋଦୟ ଦେଖିବା ସହ କାର୍ତ୍ତିକ ବ୍ରତଧାରୀ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିଥିଲେ। ବ୍ରହ୍ମପୁର ସଦର ଏସ୍‌ଡ଼ିପିଓ ଶିବଶଙ୍କର ମହାପାତ୍ର ଆଇନଶୃଙ୍ଖଳା ତଦାରଖ କରିଥିଲେ।




ହରିଦ୍ରା ତୈଳିକ ସମାଜର ବୋଇତ ବନ୍ଦାଣ।

**କାର୍ତ୍ତିକ ବ୍ରତ ସମାପନ**

### ନଦୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ଦିଗପହଣ୍ଡି,୮।୧୧(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଚୁଡୁଙ୍ଗପୁର ପଞ୍ଚାୟତ ଜଳମରା ଗ୍ରାମ ପାର୍ଶ୍ୱରେ ଯାଇଥିବା ଘୋଡାହାଡ ନଦୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ କୋରାଖଣ୍ଡି ଗ୍ରାମର ସହଦେବ ଡାକୁଆଙ୍କ ସ୍ତ୍ରୀ ସଞ୍ଜୁ ଡାକୁଆ (୫୫)। ମଙ୍ଗଳବାର ସକାଳ ୫.୩୦ ମିରେ ଘଟିଛି। ଘଟଣା ସମ୍ପର୍କରେ ଗାଁ ଲୋକେ ସୂଚନା ପାଇ ଘୋଡାହାଡ ନଦୀରୁ ମହିଳାଙ୍କୁ ଭାସମାନ ଅବସ୍ଥାରେ ଉଦ୍ଧାରକରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣା ପାଟପୁର ପୋଲିସ୍ ଜାଣିପାରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମାମଲା ନଂ.୨୧/୨୨ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ୍ ପଠାଇଛି। ଘଟଣାର ତଦନ୍ତ ଚାଲିଥିବା ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ରତ୍ନାକର



@ ମନିଷା



@ ମୀନାକ୍ଷୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନକଲି ଗୁଟ୍‌ଖା କାରଖାନାରେ ଚଢ଼ାଉ, ଜଣେ ଗିରଫ

ଗୋପାଳପୁର,୮।୧୧(ଡି.ଏନ.ଏ.)

ଗୋପାଳପୁର ଥାନା ପୋଲିସ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗୁଟ୍‌ଖା ଓ ପ୍ରସ୍ତୁତ ସାମଗ୍ରୀ ଜବତ ଘଟଣାରେ ମଙ୍ଗଳବାର ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ଜଣକ ହେଲେ ଗୋପାଳପୁର ଥାନା ଅଧିନ ଡିଫେନ୍ସ କଲୋନୀର ବିଜନ କୁମାର ସାହୁ। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଖସି ପଳାଇବାରେ ସକ୍ଷମ ହୋଇଥିବା ନେଇ ପୋଲିସ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛି। ସେମାନଙ୍କଠାରୁ ଦୁଇଟି ଗୁଟ୍‌ଖା ପ୍ରସ୍ତୁତ ମେଶିନ, ଦୁଇଟି ସିଲ ମେଶିନ, ଗୁଟୁଖା ମିକ୍ସଚର ପାଉଡ଼ର ୯୦ କେଜି, ଟବାକୋ ୭୦ କେଜି, ପଲିଥିନ ବେଣ୍ଡେଲ ଆଦି ସାମଗ୍ରୀ ଜବତ କରିଛି। ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଡିଫେନ୍ସ କଲୋନିସ୍ଥିତ ଏକ ନିଛାଟିଆ ଘରେ ଚୋରି ହେଉଥିବା ଖବର ପାଇ ସୋମବାର ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ଓ ଅନ୍ୟ କର୍ମଚାରୀ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ସେହି ସ୍ଥାନରେ ଏକ ନକଲି ଗୁଟୁଖା କାରଖାନା ଚାଲିଥିବା ନେଇ ସୂଚନା ପାଇଥିଲେ। ଘର ମାଲିକଙ୍କୁ ପଚରାଉଚରା ବେଳେ ସେ କହିଥିଲେ ଏହି ଘର ଭଡ଼ା ଆକାରରେ ଦେଇଥିବା କହିଥିଲେ। ଜଗନ୍ନାଥପୁର ଅଞ୍ଚଳର ଧୀରେନ ସାହୁ, ବିପିନ ସାହୁ, ବିଜନ ସାହୁ ଓ ତପନ ସାହୁ ଏହି ଚାରିଜଣ ଉକ୍ତ ଘର ଭଡ଼ା ଆକାରରେ ନେଇଥିଲେ। ଏମାନେ ବେଆଇନ ଗୁଟୁଖା ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିଲେ। ପୋଲିସ ସେଠାରୁ ବିଜନଙ୍କୁ କାବୁ କରିଥିଲା। ଏ ନେଇ ନଂ ୨୩୦/୨୨ ପ୍ରକାରେ ମାମଲା ରୁଜୁ ହୋଇଛି।

# ଦୀର୍ଘ ସମୟ ଧରି ବିଦ୍ୟୁତ୍ ବିଚ୍ଛିନ୍ନ

ବ୍ରହ୍ମପୁର ଅଫିସ୍,୮।୧୧

ବ୍ରହ୍ମପୁର ସହରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଖୁଣ୍ଟ ଗୁଡିକ ସୁରକ୍ଷିତ ନ ଥିବାରୁ ଅନେକ ସମୟରେ ଆକସ୍ମିକ ଦୁର୍ଘଟଣା ଘଟୁଛି। ମଙ୍ଗଳବାର ସହରର ଅଶୋକନଗରଠାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଅଶୋକନଗର ୩ୟ ଲେନରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ହଠାତ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ଟ୍ରାନ୍ସଫର୍ମରକୁ ନିଆଁ ଲାଗି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବିଦ୍ୟୁତ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୁର୍ଘଟଣାକୁ ଏଡାଇବା ପାଇଁ ଉକ୍ତ ଅଞ୍ଚଳରେ ଦୀର୍ଘ ଘଣ୍ଟା ଧରି ବିଦ୍ୟୁତ ସରବରାହ ବିଚ୍ଛିନ୍ନ ରହିଥିଲା। ଟ୍ରାନ୍ସଫର୍ମର ମରାମତି ପରେ ବିଦ୍ୟୁତ ସରବରାହ ଠିକ୍ ହୋଇଥିଲା। ଉକ୍ତ ଅଞ୍ଚଳରେ ଅନେକ ଟ୍ରାନ୍ସଫର୍ମରରେ ବୃକ୍ଷଲତା ଉଠିଥିବା ବେଳେ ଖୁଣ୍ଟ ଗୁଡିକ ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହାକୁ ମରାମତି ଓ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱ ସଫେଇ ପାଇଁ କର୍ପୋରେଟର ସୁରେନ୍ଦ୍ର ମହାରଣା ଦାବି କରିଛନ୍ତି।

**ଟ୍ରାନ୍ସଫର୍ମରରେ ନିଆଁ**



# ହେତୁବାଦୀ-ହିନ୍ଦୁବାଦୀଙ୍କ ସଂଘର୍ଷ ନେଇ ରାଜନୀତି

## ଭାଜପା, କଂଗ୍ରେସ, ବିଜେଡିର ଭିନ୍ନମତ

ବ୍ରହ୍ମପୁର ଅଫିସ,୮।୧୧

ଚନ୍ଦ୍ରଗ୍ରହଣ ସମୟରେ ବ୍ରହ୍ମପୁର ବିଚ୍ ରାସ୍ତାରେ ହେତୁବାଦୀଙ୍କ ସାମୂହିକ ଆମିଷ ଭୋଜନ ଓ ଏହାକୁ ହିନ୍ଦୁବାଦୀ ଗୋଷ୍ଠୀ ତଥା ସନାତନ ଧର୍ମୀଙ୍କ ବିରୋଧରୁ ଘଟିଥିବା ହିଂସାକୁ ନେଇ ରାଜନୀତି ଜୋର ଧରିଛି। ଭାଜପା ନେତା କାହ୍ନୁ ଚରଣ ପତି ଚନ୍ଦ୍ରଗ୍ରହଣରେ ହେତୁବାଦୀମାନଙ୍କ ସାମୂହିକ ଆମିଷ ଭୋଜନକୁ ସମାଲୋଚନା କରିଛନ୍ତି। ଏହାର ପ୍ରତିବାଦ କରିଥିବା ହିନ୍ଦୁ ସଂଗଠନ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଆକ୍ରମଣ ଏବଂ ପୋଲିସର ଲାଠିମାଡ଼କୁ ସେ ନିନ୍ଦା କରିଛନ୍ତି।

କଂଗ୍ରେସ ନେତା ତଥା ପିସିସି ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡା କହିଛନ୍ତି, କିଏ କ'ଣ ଖାଇବ ଓ ନ ଖାଇବ ତାହା ବ୍ୟକ୍ତିଗତ କଥା। ହେତୁବାଦୀଙ୍କ ସାମୂହିକ ଆମିଷ ଭୋଜନକୁ ବନ୍ଦ ଓ ବିରୋଧ କରିବାର ଅଧିକାର ହିନ୍ଦୁବାଦୀଙ୍କୁ କିଏ ଦେଇଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସାଧୁ ସନ୍ଥ ଓ ସନାତନ ଧର୍ମୀ ପୋଲିସରେ ଏତଲା ନ ଦେଇ ଭୋଜନସ୍ଥଳରେ ହୋହାଲ୍ଲା ଏବଂ ହିଂସାକାଣ୍ଡକୁ ପଣ୍ଡା ନିନ୍ଦା କରିଛନ୍ତି। ଜିଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ଗ୍ରହଣ ବେଳେ ଆମିଷ ବା ନିରାମିଶ ଭୋଜନ ସମ୍ପୂର୍ଣ୍ଣ ନିଷେଧ। ଏହା ବିଜ୍ଞାନ ସମ୍ମତ ବୋଲି ଭେଷଜ ବିଶେଷଜ୍ଞ ଡା.ଚ୍ୟାଉ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।



ହେତୁବାଦୀ ଓ ହିନ୍ଦୁବାଦୀଙ୍କ ମୁହାଁମୁହିଁ ବେଳେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକାଉଛି।



ହିନ୍ଦୁବାଦୀମାନେ ଚନ୍ଦ୍ରଗ୍ରହଣରେ ଖାଦ୍ୟ ଗ୍ରହଣକୁ ବିରୋଧ କରୁଛନ୍ତି।

## ସଂକ୍ଷେପରେ

### କାର୍ତ୍ତିକ ବ୍ରତ ଉଦ୍‌ଯାପିତ

ଆସିକା,୮।୧୧(ଡି.ଏନ.ଏ.)- ଗତ ଏକ ମାସ ଧରି ପାଳନ କରୁଥିବା ହବିଷିଆଳି ଓ ପଞ୍ଚକ ସ୍ନାନ କରୁଥିବା ଶ୍ରଦ୍ଧାଳୁ ମଙ୍ଗଳବାର ବ୍ରତ ଉଦଯାପନ କରିଛନ୍ତି। ଭୋରରୁ ଋଷିକୁଲ୍ୟା ନଦୀର ସୁନାମ୍ବ ସାହି, ଲାଲାଗୋର୍ଜି, ତ୍ରିବିଦ୍ଧେଶ୍ୱର, ଗୋପିନାଥ ମନ୍ଦିର, ରାମେଶ୍ୱର ମନ୍ଦିର, ପୁଡୁଗେଶ୍ୱର ମନ୍ଦିର ନଦୀଘାଟରେ କାର୍ତ୍ତିକ ବ୍ରତଧାରୀ ଓ ପଞ୍ଚୁକ ଶ୍ରଦ୍ଧାଳୁ ସ୍ନାନ କରିବା ସହ କଦଳୀ ପୁଟୁକାର ବୋଇତ ଭସାଇଥିଲେ। ଶ୍ରଦ୍ଧାଳୁ ରାତି ୩ଟାରୁ ବିଭିନ୍ନ ମନ୍ଦିରକୁ ଦର୍ଶନ ଲାଗି ଯାଇଥିଲେ। ଚନ୍ଦ୍ର ଗ୍ରହଣ ପାଇଁ ସକାଳ ସାଢେ ୫ଟାରେ ଦେବ ଦର୍ଶନ ଓ ମନ୍ଦିର ବନ୍ଦ ହୋଇଯାଇଥିଲା । ଅନ୍ୟପକ୍ଷରେ ଗ୍ରହଣ ଯୋଗୁ କେହି କୁଆଡ଼େ ଯାଉ ନ ଥିବାରୁ ବସଷ୍ଟାଣ୍ଡ ଓ ବଜାର ଜନଶୂନ୍ୟ ହୋଇଥିଲା । ୫୦ ପ୍ରତିଶତ ବସ ଚଳାଚଳ କରି ନ ଥିଲା।

### ମହେନ୍ଦ୍ରତନୟା ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼

ପାରଳାଖେମୁଣ୍ଡି,୮।୧୧(ଡି.ଏନ୍.ଏ.)- କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରଳାଖେମୁଣ୍ଡି ସହର ନିକଟ ମହେନ୍ଦ୍ରତନୟା ନଦୀଘାଟକୁ ଭୋରରେ ହଜାର ହଜାର ଶ୍ରଦ୍ଧାଳୁ ଆସି ଡଙ୍ଗା ଭସାଇଛନ୍ତି। ସୋମବାର ରାତିପ୍ରାୟ ୨ଟାରୁ ଶ୍ରଦ୍ଧାଳୁ ନଦୀଘାଟକୁ ଯାଇଥିବା ଦେଖାଯାଇଥିଲା। ବୋଇତ ବନ୍ଦାଣ ପୂର୍ବରୁ ସୋଲ ଏବଂ କଦଳୀ ପଟୁକାରେ ତିଆରି ଡଙ୍ଗା ଗୁଡିକରେ ପାନ, ଗୁଆ, ଧୂପ ଦୀପ ଇତ୍ୟାଦି ଦେଇ ଡଙ୍ଗା ଭସାଯାଇଥିଲା । ସେହିପରି ସହରର ବିଭିନ୍ନ ଜଳାଶୟରେ ମଧ ଏପରି ଶ୍ରଦ୍ଧାଳୁମାନେ ବୁଡ ପକାଇ ଡଙ୍ଗା ଭସାଇବାପରେ ଶ୍ରଦ୍ଧାଳୁମାନେ ପାହାନ୍ତିଆରେ ବିଭିନ୍ନ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ବିଭିନ୍ନ ମଠ ମନ୍ଦିର ପ୍ରାଙ୍ଗଣରେ ଦାନ ପୂଣ୍ୟ କରାଯାଇଛି।

### ଆର. ଉଦୟଗିରି ବ୍ଲକରେ ଶୁଭାରମ୍ଭ ହେଲା ମାଣ୍ଡିଆ ରଥ

ଆର.ଉଦୟଗିରି,୮।୧୧(ଡି.ଏନ.ଏ.)- ଗଜପତି ଜିଲାର ପ୍ରତ୍ୟେକ ବ୍ଲକରେ କୃଷିବିଭାଗର ସହଯୋଗୀ ଅନୁଷ୍ଠାନ ସହଯୋଗରରେ ଚଳିତ ମାସ ୭ରୁ ୧୦ ତାରିଖ ଯାଏ ମାଣ୍ଡିଆ ଦିବସ ପାଳନର ସଚେତନ ରଥ ପ୍ରତ୍ୟେକ ଗ୍ରାମ ପରିକ୍ରମା କରିଛି। ଏହା ଲୋକଙ୍କୁ ଜଣାଇବା ନିମନ୍ତେ ଗଜପତି ଜିଲା ନୂଆଗଡ ବ୍ଲକର ଆର.ଉଦୟଗିରି ଠାରେ ସୁରକ୍ଷା ଅନୁଷ୍ଠାନ ତରଫରୁ ଏହି ରଥର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ୍, ଅତିରିକ୍ତ ଜିଲା କୃଷି ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଗ୍ରାମପଞ୍ଚାୟତ ଅଫିସର ଶଶାଙ୍କ ଶେଖର ସୁବୁଦ୍ଧି, ଆତ୍ମା ଅଧକ୍ଷ ଭୀମ ପାଇକ, ସହକାରୀ ବ୍ଲକ କୃଷି ଅଧିକାରୀ ବିଷ୍ଣୁପ୍ରିୟା ଗୌଡ଼ଙ୍କ ଉପସ୍ଥିତିରେ ମାଣ୍ଡିଆ ରଥର ଶୁଭ ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆର.ଉଦୟଗିରି ବ୍ଲକ ସୁରକ୍ଷା ସଂଗଠର ବ୍ଲକ ସଂଯୋଜକ ଘନଶ୍ୟାମ ଜେନା ଆୟୋଜନ କରିଥିଲେ। ଅତିରିକ୍ତ ବ୍ଲକ ସଂଯୋଜକ ରଞ୍ଜିତ କୁମାର ଦାସ, ମା’ କୁରେଇସୁଣୀ ପ୍ରଡ୍ୟୁସର କମ୍ପାନୀର ପଣ୍ଡିତ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଥର ଗତିରେ ପାନୀୟ ଜଳ ପ୍ରକଳ୍ପ କାମ

**ଭଞ୍ଜନଗର ସହରକୁ ଦୈନିକ ଯୋଗାଣ ହେବ ୩୭ଲକ୍ଷ ଲିଟର ପାଣି**

ଭଞ୍ଜନଗର,୮।୧୧(ଡି.ଏନ.ଏ)

ଭଞ୍ଜନଗର ବିଜୁ ପଟ୍ଟନାୟକ ପାର୍କ ରାସ୍ତାରେ ୨ କୋଟି ୩୮ଲକ୍ଷ ଟଙ୍କା ବ୍ୟୟରେ ୪୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଜଳ ବିଶୋଧନାଗାର ନିର୍ମାଣ ଚାଲିଛି । ଏହି କାମ ଗତ ଜୁଲାଇ ସୁଦ୍ଧା ସାରିବା ଲକ୍ଷ୍ୟ ଥିଲା। କିନ୍ତୁ ଠିକାଦାର ମନ୍ଥର ଗତିରେ କାମ କରୁଥିବା ଯୋଗୁ କାମ ସରି ପାରି ନ ଥିବା ଅଭିଯୋଗ ହେଉଛି। ତେବେ ଠିକାଦାର ସମୟ ବଢ଼ାଇ ନଭେମ୍ବର ଶେଷ ସୁଦ୍ଧା କାମ ସାରିବା ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ଏଥିରେ ଖିଲାପ କଲେ ଆଉ ସମୟ ବଢ଼ାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ଉକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି ।

ଆଗାମୀ ୩୦ବର୍ଷକୁ ଆଖି ଆଗରେ ରଖି ଭଞ୍ଜନଗର ସହରରେ ଆଉ ୨ଟି



ଜଳ ବିଶୋଧନାଗାର କାମ ଚାଲିଛି ।

ନୂଆ ଓଭରହେଡ୍ ପାଣିଟାଙ୍କି ଏବଂ ୨ଟି ସମ୍ପ ନିର୍ମାଣ ହେବ। ଏଥିସହ ସହରର କେତକ ଅଞ୍ଚଳରେ ନୂତନ ପାଇପ ବିଛାଯିବ । ଏ ବାବଦରେ ୨କୋଟି ୭୮ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଗୋଟିଏ ଓଭର ହେଡ୍ ପାଣି ଟାଙ୍କି ବ୍ଲକ ନିକଟସ୍ଥ ନିର୍ମାଣଧୀନ ମିଶନ ଶକ୍ତି ଭବନକୁ ଲାଗି ହେବ । ସେଠାରେ ଏକ ସମ୍ପ ମଧ ନିର୍ମାଣ ହେବ । ସମ୍ପ ଏବଂ ଓଭରହେଡ୍ ପାଣି ଟାଙ୍କିରେ ମୋଟ ୫ଲକ୍ଷ ଲିଟର ପାଣି ମହଜୁଦ୍ ରହିପାରିବ । ପୁରୁଣା ଜେଲ ପଛ ପଟେ ସମ୍ପ ଏବଂ ଓଭର ହେଡ୍ ଟାଙ୍କି ହେବ। ସେଠାରେ ସାଢ଼େ ୫ଲକ୍ଷ ଲିଟର ପାଣି ମହଜୁଦ୍ ରହିବ। ଉକ୍ତ ଦୁଇଟି କାମର ଟେଣ୍ଡର ସରିଛି। କିଛିଦିନ ମଧ୍ୟରେ ତାର କାମ ଆରମ୍ଭ ହେବ । ବର୍ତ୍ତମାନ ମେଡ଼ିକାଲ ପରିସରରେ ୬ଲକ୍ଷ ଲିଟର ପାଣି ମହଜୁଦ୍ ରହୁଥିବା ବେଳେ କାର୍ଯ୍ୟାଳୟ ନିକଟରେ ୯ଲକ୍ଷ ଲିଟର ପାଣି ମହଜୁଦ୍ ରଖାଯାଉଛି। ସେଠାରେ ସାଢ଼େ ୪ଲକ୍ଷ ଲିଟର ପାଣି ଗଚ୍ଛିତ ରହିବା ଭଳି ଏକ ସମ୍ପ ଅଛି। ବର୍ତ୍ତମାନ ଜଣ ପିଚ୍ଛା ୧୬୫ ଲିଟର ପାଣି ଦେବା ବ୍ୟବସ୍ଥା କରାଯାଉଛି। ଭଞ୍ଜନଗର ସହରରେ ବର୍ତ୍ତମାନ ୪୩୬୭ ଘରେ ୨୨,୬୨୯ ଲୋକ ବସବାସ କରୁଥିବା ବେଳେ ବେସରକାରୀ ଭାବେ ଏହା ଆହୁରି ଅଧିକ ହେବ। ସମସ୍ତଙ୍କୁ ପାଣି ଯୋଗାଇବାକୁ ହେଲେ ବର୍ତ୍ତମାନ ଦୈନିକ ୩୭ଲକ୍ଷ ୩୦ ହଜାର ଲିଟର ପାଣି ଆବଶ୍ୟକ। ଜଳ ବିଶୋଧନାଗାର ପ୍ରକଳ୍ପ କାର୍ଯ୍ୟ ସରିଲେ ସହରରେ ପାଣି ସମସ୍ୟା ରହିବ ନାହିଁ । ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ବେହେରା କହିଛନ୍ତି, ଚଳିତମାସ ଶେଷ ସୁଦ୍ଧା ଜଳ ବିଶୋଧନାଗାର କାମ ସରିଯିବ ବୋଲି ଆଶା କରାଯାଉଛି। ଠିକାଦାର ଏଥିରେ ଖିଲାପ କଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

## ବନ୍ଧରେ ବୁଡ଼ି ଯୁବକ ମୃତ

ଦିଗପହଣ୍ଡି,୮।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପାଟପୁର ଥାନା ତଥା ସିଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ତେଲିଆପଲ୍ଲୀ ଗ୍ରାମରେ ମଙ୍ଗଳବାର ବନ୍ଧରେ ବୁଡି ହରିଶ୍ଚନ୍ଦ୍ର ମଲ୍ଲିକ୍ (୪୮)ଙ୍କ ମୃତ୍ୟୁ ଘଟିଛି। ହରିଶ୍ଚନ୍ଦ୍ରଙ୍କ ମଙ୍ଗଳବାର ସକାଳେ ସ୍ତ୍ରୀଙ୍କ ସହ ପୂଜା ସାମଗ୍ରୀକୁ ପାଣିରେ ବିସର୍ଜନ କରିବା ପାଇଁ ଗ୍ରାମର ଠାକୁରାଣୀ ବନ୍ଧକୁ ଯାଇଥିଲେ। ସେଠାରେ ହରିଶ୍ଚନ୍ଦ୍ର ପୂଜା ସାମଗ୍ରୀ ଗୁଡିକୁ ପାଣିରେ ବିସର୍ଜନ କରିଥିବା ବେଳେ ପାହାଚରେ ଗୋଡ ଖସି ପାଣି ଭିତରେ ବୁଡି ଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବିଭାଗ ପାଣିରୁ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ହରିଶ୍ଚନ୍ଦ୍ରଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପାଟପୁର ପୋଲିସ ଜାଣିପାରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏ ନେଇ ନଂ. ୨୨/୨୨ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ



ଶୋଭାଯାତ୍ରାରେ ଯାଉଛନ୍ତି ।

ଛତ୍ରପୁର,୮।୧୧(ଡି.ଏନ.ଏ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଛତ୍ରପୁର ଅଞ୍ଚଳରେ ବସବାସ କରୁଥିବା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ କରାଯାଇଛି । ସୋଲରେ ଏକ ବଡ଼ ବୋଇତ ତିଆରି କରି ତାହାକୁ ଫୁଲରେ ସଜାଇ ଚଣ୍ଡିଛକରେ ଥିବା ଛତ୍ରପୁରର ଆରାଧ୍ୟା ଦେବୀ ମା’ରାମାୟଣୀମ୍ବା ଠାକୁରାଣୀ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସମାଜର ମହିଳା, ପୁରୁଷ, ଯୁବତୀ ଯୁବକମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରରେ ଉକ୍ତ ବୋଇତକୁ ଧରି ସହର ପରିକ୍ରମା କରି ପୁରୁଣାଲାଇନସ୍ଥିତ ଗୌରୀଶଙ୍କର ମନ୍ଦିରକୁ ଯାଇଥିଲେ। ସେଠାରେ ଫୁଲ ଚନ୍ଦନ ସହ ବୋଇତକୁ ବନ୍ଦାପନା ଲାଇନବନ୍ଧରେ ଭସାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତୈଳିକ ବୈଶ୍ୟ ସମାଜର ସଭାପତି ରମେଶ ଚନ୍ଦ୍ର ସାହୁ, ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସୁଧୀର କୁମାର ସାହୁ, ସହସଂପାଦକ ସଦାନନ୍ଦ ସାହୁ,କୋଷାଧ୍ୟକ୍ଷ ବାବୁଲି ସାହୁ, ପୂର୍ବତନ ସଭାପତି ମାଧବ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ୨ବର୍ଷ କରୋନା ମହାମାରୀ ଯୋଗୁ ବୋଇତ ବନ୍ଦାଣ ବନ୍ଦ ରହିଥିଲା ।

## କୋଭିଡ୍ ଯୋଦ୍ଧା ଏଏସ୍‌ଆଇଙ୍କ ସ୍ମୃତିଚାରଣ

ଛତ୍ରପୁର,୮।୧୧(ଡି.ଏନ.ଏ)

ଭଞ୍ଜନଗର କୋର୍ଟରେ କାର୍ଯ୍ୟ କରୁଥିବା ବେଳେ ଏଏସଆଇ ରବୀନ୍ଦ୍ରନାଥ ବେହେରା କୋଭିଡରେ ଆକ୍ରାନ୍ତ ହୋଇ ୨୦୨୦ ଜୁଲାଇ ୨୪ ତାରିଖରେ ତାଙ୍କର କୋଦଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଚମାଖଣ୍ଡି ଥାନା ଅଧିକାରୀ ସୁଦିପ୍ତ କୁମାର ସାହୁ ମଙ୍ଗଳବାର ସ୍ୱର୍ଗତ ଏଏସ୍‌ଆଇ ରବୀନ୍ଦ୍ରଙ୍କ ନରେନ୍ଦ୍ରପୁର ଗ୍ରାମ ଗୋପୀନାଥନଗରସ୍ଥିତ ବାସଭବନକୁ ଯାଇ ତାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଜଗନ୍ନାଥପୁର ବିଟ ହାଉସ ଏଏସଆଇ ଅରୁଣ କୁମାର ରାଉତ,ଏଏସଆଇ ସଞ୍ଜୟ କୁମାର ପାତ୍ର ଏବଂ ସ୍ୱର୍ଗତ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଓ ପୁଅ ମନୋଜ କୁମାର ଉପସ୍ଥିତ ରହିଥିଲେ ।

# ଗୌରୀଆମ୍ବା ଯାତ୍ରାରେ ଭିଡ଼ ଜମୁଛି

**ମୁଖ୍ୟ ଆକର୍ଷଣ ୪୫ ଫୁଟର କାଳୀ ମେଢ଼**



କାଳୀ ମେଢ଼।

ପୋଲସରା,୮।୧୧(ଡି.ଏନ.ଏ.)

ପୋଲସରା ସହରରେ ମା’ ଗୌରୀଆମ୍ବାଙ୍କ ଯାତ୍ରା ଆରମ୍ଭ ହୋଇଛି। ୫ ବର୍ଷରେ ଥରେ ହେଉଥିବା ଏହି ଯାତ୍ରା ଗତବର୍ଷ କୋଭିଡ କଟକଣା ଲାଗି ହୋଇପାରି ନ ଥିଲା। କେବଳ ବିଧିବିଧାନ ରକ୍ଷା କରି ପୂଜା ହୋଇଥିଲା। ତେଣୁ ଚଳିତବର୍ଷ ବହୁ ଆଡ଼ମ୍ବରରେ ଯାତ୍ରା କରାଯାଉଥିବା ବେଳେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି। ଯାତ୍ରା ଅବସରରେ ୩୦ରୁ ଉର୍ଦ୍ଧ୍ୱ ସାହିରେ ବିଭିନ୍ନ ମେଢ଼ ହୋଇରହିଛି। ଜଗନ୍ନାଥ ସାହିରେ ହୋଇଥିବା ୪୫ ଫୁଟର କାଳୀ ମେଢ଼ ଲୋକଙ୍କୁ ଆକୃଷ୍ଟ କରୁଛି । ମିନା ବଜାର ସହ ରାମଦୋଳିରେ ବି ଭିଡ଼ ହେଉଛି। ଯାତ୍ରାରେ ମା’ ଗୌରୀଆମ୍ବା ସହରର ସମସ୍ତ ସାହି ଭ୍ରମଣ କରିଥାନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଆସନ୍ତା ୧୨ ତାରିଖରେ ଯାତ୍ରା ସରିଲେ ୧୩ ତାରିଖରେ ବିସର୍ଜନ କରାଯିବ ବୋଲି ଯାତ୍ରା କମିଟିର ସଭାପତି ସୂର୍ଯ୍ୟନାରାୟଣ ଆଚାରି ଓ ସମ୍ପାଦକ ଡ.ଜ୍ୟୋର୍ତିମୟ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଡ୍ରାଇଭର ସଂଘର ଦାବିପତ୍ର

ପୋଲସରା/ଗଞ୍ଜାମ/ସୋରଡ଼ା/ ରମ୍ଭା,୮।୧୧(ଡି.ଏନ.ଏ.)

ପୋଲସରା ଡ୍ରାଇଭର ସଂଘ ପକ୍ଷରୁ ସରକାରଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ୩୦ ଜିଲାରେ କାର୍ଯ୍ୟରତ ଥିବା ସମସ୍ତ ଡ୍ରାଇଭର ଗତ ଏକବର୍ଷ ଧରି ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହେଉଥିଲେ ମଧ କୌଣସି ସୁଫଳ ମିଳୁନି। ତେଣୁ ଡ୍ରାଇଭର ସଂଘ ସରକାରଙ୍କୁ ଚେତାବନୀ ପୂର୍ବକ ପୁନର୍ବାର ଆନ୍ଦୋଳନ କରିବା ନେଇ ପୋଲସରା ଶାଖା ପକ୍ଷରୁ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଓ ପୁରଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଡ୍ରାଇଭର ମହାସଂଘର ମୁଖ୍ୟ ଦାବିଗୁଡିକ ହେଉଛି, ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭରମାନଙ୍କୁ ୨୦ଲକ୍ଷ ଟଙ୍କା, ଦୁର୍ଘଟଣାରେ ଅକର୍ମଣ୍ୟ ଡ୍ରାଇଭରଙ୍କୁ



ରମ୍ଭାରେ ଡ୍ରାଇଭର ସଂଘ ପକ୍ଷରୁ ଦାବିପୂରଣ ଲାଗି ଦଣ୍ଡଯାତ୍ରା।

୧୦ ଲକ୍ଷ ଟଙ୍କା ଏବଂ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ବୀମା ରାଶି ଯୋଗାଇ ଦେବା ଦାବି ରହିଛି। ଓଡ଼ିଶା ଡ୍ରାଇଭର ସଂଘ ସୋରଡ଼ା ଶାଖା ତରଫରୁ ରବିବାର ଆଇଆଇସି ରମେଶ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଂଘର ଅକ୍ଟୋବର ୧୮ ତାରିଖର ନିଷ୍ପତ୍ତି ଅନୁଯାୟୀ ସମ୍ବଲପୁରଠାରୁ ଦଣ୍ଡବତ ଯାତ୍ରା ଆରମ୍ଭ ହୋଇ ରାଜଧାନୀରେ ପହଞ୍ଚିବ। ଶୀଘ୍ର ସରକାର ସଂଘର ଦାବି ପୂରଣ ନ କଲେ ସାରା ରାଜ୍ୟର ଡ୍ରାଇଭରମାନେ ରାଜ୍ୟର ସମସ୍ତ ଅଞ୍ଚଳରେ ଅସହଯୋଗ କରିବେ ବୋଲି ଜଣାଇଛନ୍ତି । ଜିଲା ସଭାପତି ଏମ ସୋହାବୁଦ୍ଦିନ, ସମ୍ପାଦକ ବାବୁ ବିଶ୍ୱାଳଙ୍କ ଦସ୍ତଖତ ସମ୍ବଳିତ ପତ୍ର ସ୍ଥାନୀୟ ଶାଖାର ସଦସ୍ୟମାନଙ୍କ ଦ୍ୱାରା ଆଇଆଇସିଙ୍କୁ ପ୍ରଦାନ କରାଯାଇଛି। ସେହିପରି ରମ୍ଭା ଡ୍ରାଇଭର ମହାସଂଘ ପକ୍ଷରୁ ସଭାପତି ପ୍ରଫୁଲ୍ଲ ତରେଇଙ୍କ ନେତୃତ୍ୱରେ ଥାନା ଅଧିକାରୀ ପି. ସ୍ୱରୂପ କୁମାର କିଷାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ଉପସଭାପତି ସୁରେଶ ସ୍ୱାଇଁ, କୋଷାଧ୍ୟକ୍ଷ ପଞ୍ଚାନନ ରଣାଙ୍କ ସମେତ କମିଟି ମେମ୍ବର ବିନୋଦ ବେହେରା, କାର୍ତ୍ତିକ ଚାନ୍ଦ, ଅଭିମନ୍ୟୁ ପ୍ରଧାନ, ଘନଶ୍ୟାମ ବେହେରା ସମେତ ଅନେକ ସଭ୍ୟ ସାମିଲ ହୋଇଥିଲେ।

# ୨୪ ଜଣିଆ ଗଞ୍ଜାମ ଟିମ୍ ଚୟନ

**୧୩ରୁ ଆନ୍ତଃଜିଲା ଖୋ ଖୋ ପ୍ରତିଯୋଗିତା**



ମନୋନୀତ ଟିମ ସହ କର୍ମକର୍ତ୍ତା।

ଛତ୍ରପୁର,୮।୧୧(ଡି.ଏନ.ଏ)

ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲାର ଡେଲାଙ୍ଗ ଠାରେ ଉଭୟ ମହିଳା ଓ ପୁରୁଷ ବିଭାଗ ଆନ୍ତଃଜିଲା ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିନିମନ୍ତେ ମଙ୍ଗଳବାର ଛତ୍ରପୁର ଷ୍ଟାଡିୟମ ପରିସରରେ ଗଞ୍ଜାମ ଜିଲା କ୍ରୀଡା ସଂସଦ ଏବଂ ଛତ୍ରପୁର ସବଡିଭିଜନ କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଉଭୟ ବିଭାଗର ଜିଲାସ୍ତରୀୟ ଖୋ ଖୋ ଦଳ ଚୟନ କରାଯାଇଛି। ଏଥିରେ ଗିରିସୋଲା, ଦିଗପହଣ୍ଡି, କଙ୍କିଆ, ଗଞ୍ଜାମ, ଛତ୍ରପୁର ଓ ବ୍ରହ୍ମପୁର ଅଞ୍ଚଳର ଖୋ ଖୋ ଖେଳାଳିମାନେ ଅଂଶ କରିଥିଲେ । ସୁଶାନ୍ତ କୁମାର ନାୟକ ଓ କୋଚ ତଥା ପରିଚାଳକ ସରୋଜ କୁମାର ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଖେଳାଳି ଚୟନ ପ୍ରତିଯୋଗିତାରେ ଅତିଥି ଭାବେ ଗଞ୍ଜାମ ପୋଲିସ ଜିଲାର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ଜିଲା କ୍ରୀଡା ସଂସଦର ସଂପାଦକ ଅଶୋକ କୁମାର ସାହୁ, ଛତ୍ରପୁର ସବଡିଭିଜନ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସଂପାଦକ ନବୀନ କୁମାର ବେହେରା ଏବଂ ବରିଷ୍ଠ କ୍ରୀଡାବିତ୍‌ମାନେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାକୁ ଡଃ.ଅନୀତା ମିଶ୍ର, କେ.ରଘୁନାଥ ରେଡ୍ଡୀ, ବି.ଶ୍ରୀନିବାସ ଦୋରା, ସୁନିତା ପାତ୍ର, ମୋନିକା ନାୟକ, ମଧୁସୂଦନ ବେହେରା, ସନ୍ତୋଷ କୁମାର ବିଷୋୟୀ, ପ୍ରଣୟ ରଞ୍ଜନ ଦାଶ, ବି.ଏନାଦ୍ରୀ, ଅଟଳ ବିହାରୀ ପଟ୍ଟନାୟକ, ସୁଶାନ୍ତ କୁମାର ନାୟକ, କୋଚ ସରୋଜ କୁମାର ପାଢୀଙ୍କ ସମେତ ଛତ୍ରପୁର ସବଡିଭିଜନ କ୍ରୀଡା ସଂସଦର ସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ ମହିଳା ବିଭାଗର ୧୨ଜଣ ଏବଂ ପୁରୁଷ ବିଭାଗର ୧୨ ଜଣ ଖୋ ଖୋ ଖେଳାଳିଙ୍କୁ ଚୟନ କମିଟି ପକ୍ଷରୁ ମନୋନୀତ କରାଯିବା ସହିତ ଜଣେ ପରିଚାଳକ ଏବଂ ୨ ଜଣ କୋଚଙ୍କୁ ମଧ ମନୋନୀତ କରାଯାଇଛି । ଏହି ଟିମ୍ ଡେଲାଙ୍ଗ ଯିବେ ବୋଲି ଗଞ୍ଜାମ ଜିଲା କ୍ରୀଡା ସଂସଦର ସଂପାଦକ ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି ।

# କିଡିଗାଁରେ ବଣୁଆ ହାତୀ ଆତଙ୍କ, ଧାନ ଫସଲ ନଷ୍ଟ

ପାରଳାଖେମୁଣ୍ଡି,୮।୧୧(ଡି.ଏନ୍.ଏ.)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡିଗାଁ ଗ୍ରାମରେ ବଣୁଆ ହାତୀର ଉପଦ୍ରବ। ଗାଁ ନିକଟରେ ଥିବା ପାହାଡ଼ରେ ଦୁଇଟି ହାତୀ ରହିଛନ୍ତି। ଦୁଇଟି ବଣୁଆ ହାତୀ କିଡିଗାଁ ଗ୍ରାମର ନିକଟସ୍ଥ ପାହାଡକୁ ଆସି ରାତିରେ ଖାଦ୍ୟ ସଂଗ୍ରହ ପାଇଁ ଧାନ କ୍ଷେତରେ ପଶି ୨ଏକର ଧାନ ଫସଲ ନଷ୍ଟ କରିଦେଇଛନ୍ତି। ଖବରପାଇ ଜିଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଚାଷୀ କେ.ମନ୍ମଥଙ୍କ ସହ ଆଲୋଚନା କରିଛନ୍ତି । ବନବିଭାଗ ଅଧିକାରୀଙ୍କୁ ଉକ୍ତ ଘଟଣା ନେଇ ସୂଚନା ଦିଆଯାଇଛି।ଶୀଘ୍ର ଉକ୍ତ ଅଞ୍ଚଳରୁ ହାତୀ ଗୁଡ଼ିକକୁ ହଟେଇବାର ବ୍ୟବସ୍ଥା କରାଯିବ ବୋଲି ଅଧକ୍ଷ କହିଛନ୍ତି । କାଶୀନଗର ବନବିଭାଗ ଅଧିକାରୀ ସୁଧୀର କୁମାର ବେହେରା କହିଛନ୍ତି ଯେ, ଉକ୍ତ ସ୍ଥାନରେ କାଶୀନଗର ଓ ଗାଇବା ବନବିଭାଗର କର୍ମଚାରୀ ମାନେ ଉପସ୍ଥିତ ଅଛନ୍ତି ।



ବଣୁଆ ହାତୀ।

ସେପଟେ ହାତୀକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଗାଁ ଲୋକମାନେ କବାଟ ବନ୍ଦ କରି ଘରେ ରହୁଛନ୍ତି । ବିଭାଗ କର୍ମଚାରୀ କିଡିଗାଁ ଗାଁକୁ ଯାଇ ହାତୀପଲକୁ ଘଉଡାଇବା ପାଇଁ ଚେଷ୍ଟା କରୁଛି । ଅପରପକ୍ଷେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନବିଭାଗ ଲୋକଙ୍କୁ ସଚେତନ କରୁଛି। ଯେପରି କାହାର କୌଣସି କ୍ଷତି ନହେଉ ସେଥି ପ୍ରତି ସଜାଗ ରହିଛି ବନବିଭାଗ।

